# ଡଃ ରାଜେଶ୍ୱର କୁମାର ମଲହୋତ୍ରା

## ଏବଂ ଅନ୍ୟଜଣେ ଇତ୍ୟାଦି

## ବନାମ

## ମେସର୍ସ ଲୟଡ୍ ଇଲେକ୍ଟ୍ରିକ୍ ଇଞ୍ଜିନିୟରିଂ ଲିମିଟେଡ୍

## ଏବଂ ଅନ୍ୟମାନେ

## [କେ. ରାମାସ୍ୱାମୀ ଏବଂ ଜି.ଟି. ନାନାୱତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିଷିଦ୍ଧାଦେଶ - ଆପିଲକାରୀ କମ୍ପାନୀ ବିରୁଦ୍ଧରେ ମଞ୍ଜୁରି- ଅନୁମତିଯୋଗ୍ୟତା- କମ୍ପାନୀରେ ସେମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ସମ୍ପୃକ୍ତ ପଦବୀରୁ ଦୁଇଜଣ ବ୍ୟକ୍ତି ଇସ୍ତଫା ଦେଇଥିଲେ- ଫଳସ୍ୱରୂପ, ସେମାନେ ଆଉ କମ୍ପାନୀରେ ଜାରି ରହିପାରିବେ ନାହିଁ - ବିଭିନ୍ନ ଗୋଷ୍ଠୀ ଦ୍ୱାରା ଧାରଣ କରାଯାଇଥିବା ଅଂଶଗୁଡ଼ିକ ଭିନ୍ନ ଏବଂ ବିବିଧ ଅଟେ – ଦର୍ଶାଗଲା ପରିସ୍ଥିତିଗୁଡ଼ିକରେ ପରିବର୍ତ୍ତନ ହବା ଦୂର କଥା କମ୍ପାନୀ ବିରୁଦ୍ଧରେ କୌଣସି ନିଷିଦ୍ଧାଦେଶ ଦିଆଯାଇପାରିବ ନାହିଁ, ଯାହା ବହୁତ କମ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା- 16989/ 1996 ।

ସି.ଆର୍.ପି. ସଂଖ୍ୟା- 715/1996ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର ତା24.10.96ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଏସ୍.ଜେ.ସୋରାବଜି, ରବିନ୍ଦର ନାରାୟଣ, ପି.ପି. ତ୍ରିପାଠୀ ଏବଂ ସୁଶ୍ରୀ ପୁନିତା ସିଂହ ।

ଉତ୍ତରଦାତାମାନଙ୍କ ପାଇଁ ଏଚ୍.ଏନ୍. ସାଲୱେ, ମନିନ୍ଦର ସିଂହ ଏବଂ ସନ୍ଦିଲ ସେଠୀ ।

ହସ୍ତକ୍ଷେପକାରୀଙ୍କ ପାଇଁ ରାଜୁ ରାମଚନ୍ଦ୍ରନ ଏବଂ ସଞ୍ଜୟ କୌଲ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ଦିଆଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ହସ୍ତକ୍ଷେପକୁ ଅନୁମତି ଦିଆଯାଇଛି ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଆଦେଶରୁ ଆସିଛି, ଯାହା ଅକ୍ଟୋବର 24, 1996ରେ ସଂଶୋଧନ ଆବେଦନ ସଂଖ୍ୟା- 715/96 ରେ ଦିଆଯାଇଥିଲା । ଗୋଟିଏ ମାମଲା ଦୁଇ ବ୍ୟକ୍ତି, ଅର୍ଥାତ ଏସ୍.ଏଲ୍.ପି.(ସି) ସଂଖ୍ୟା- 22164 ରୁ ଆସିଥିବା ଅପିଲରେ ଅପିଲକାରୀମାନେ, ଡଃ ରାଜେଶ୍ୱର କୁମାର ମଲହୋତ୍ରା ଏବଂ ଏସ୍. ଶ୍ରୀନିବାସନଙ୍କ ସହିତ ଜଡ଼ିତ । ଏହି ନ୍ୟାୟାଳୟ ନଭେମ୍ବର 26, 1996 ରେ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଥିଲେ :

"ବ୍ୟକ୍ତିଗତ ଆବେଦନକାରୀଙ୍କ ବିରୁଦ୍ଧରେ ନିଷିଦ୍ଧାଦେଶ ସମ୍ପର୍କରେ ଆମେ ଅପିଲରେ କୌଣସି ସାର ପାଉନାହୁଁ । କିନ୍ତୁ କମ୍ପାନୀ ବିରୁଦ୍ଧରେ ନିଷିଦ୍ଧାଦେଶ ସମ୍ପର୍କରେ ଶ୍ରୀ ସାଲୱେ, ଉତ୍ତରଦାତାମାନଙ୍କ ପାଇଁ ଉପସ୍ଥିତ ବିଜ୍ଞ ବରିଷ୍ଠ ଅଧିବକ୍ତା ଏହି

ନିଷିଦ୍ଧାଦେଶକୁ କିପରି ପରିବର୍ତ୍ତନ କରାଯିବା ଆବଶ୍ୟକ ସେ ବିଷୟରେ ଗୋଟିଏ ସପ୍ତାହ ସମୟ ଚାହୁଁଛନ୍ତି ଏବଂ ତାଙ୍କୁ ପ୍ରଦାନ କରାଯାଇଛି ।"

ସେହି ଅନୁସାରେ, ମାମଲାକୁ ମୁଲତବି ରଖାଯାଇଥିଲା । ଆଜି, ଅପିଲକାରୀମାନଙ୍କ ପାଇଁ ଉପସ୍ଥିତ ଶ୍ରୀ ସୋଲି ଜେ. ସୋରାବଜୀ, ବିଜ୍ଞ ବରିଷ୍ଠ ଅଧିବକ୍ତା, ଏସ୍.ଏଲ୍.ପି. (ସି) ସଂଖ୍ୟା- 22769/96, ଯଥା, କମ୍ପାନୀ ଦ୍ୱାରା ଦାଖଲ କରାଯାଇଥିବା ଅପିଲରୁ ଉତ୍ପନ୍ନ ହୋଇଥିବା ଆବେଦନରେ ଆପିଲକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଅଧିବକ୍ତା କହିଛନ୍ତି ଯେ, ପ୍ରତ୍ୟୁତ୍ତର ସତ୍ୟପାଠରେ, ଆପିଲକାରୀ କହିଛନ୍ତି ଯେ, ପୂର୍ବୋକ୍ତ ଦୁଇ ଜଣ ବ୍ୟକ୍ତି କମ୍ପାନୀରେ ସେମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ସମ୍ପୃକ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି । ଫଳସ୍ୱରୂପ, ସେମାନେ ଆଉ କମ୍ପାନୀରେ ନାହାଁନ୍ତି । ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଏହି ମାମଲାରେ ଦାଖଲ ହୋଇଥିବା ଅତିରିକ୍ତ କାଗଜପତ୍ରର ପୃଷ୍ଠା 148 ରେ ଉଲ୍ଲେଖ କରାଯାଇଥିବା ପରି ବିଭିନ୍ନ ଗୋଷ୍ଠୀମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ଅଂଶଗୁଡ଼ିକ ଭିନ୍ନ ଏବଂ ବିବିଧ ଅଟେ । ତେଣୁ, ପରିସ୍ଥିତିଗୁଡ଼ିକରେ ପରିବର୍ତ୍ତନ ହେବା ତ ଦୂରର କଥା, କମ୍ପାନୀ ବିରୁଦ୍ଧରେ କୌଣସି ନିଷିଦ୍ଧାଦେଶ ପ୍ରଦାନ କରାଯାଇପାରିବ ନାହିଁ । ଆମେ ଏହି ଯୁକ୍ତିରେ ଦୃଢ଼ତା ପାଉଛୁ । ଯଦିଓ ପ୍ରତିପକ୍ଷଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଧିବକ୍ତା, ଶ୍ରୀ ହରିଶ ସାଲୱେ, ଯୁକ୍ତି ଦେବାକୁ ଚାହୁଁଛନ୍ତି ଯେ, ବ୍ୟାଙ୍କ ଅପିଲକାରୀମାନଙ୍କୁ ଏକ ସର୍ତ୍ତ ସହିତ ଋଣ ପ୍ରଦାନ କରିଥିଲା ଯେ, ବନବିଭାଗର ଦୁଇଜଣ ବ୍ୟକ୍ତିଙ୍କୁ କମ୍ପାନୀରେ କାମ ଜାରି ରଖିବାକୁ ପଡ଼ିବ । ତେଣୁ, ଏହା କେବଳ ଏକ କାଳ୍ପନିକ ବିଶ୍ୱାସ ପ୍ରଦର୍ଶନ ଯେ, କମ୍ପାନୀ ବିରୁଦ୍ଧରେ କୌଣସି ନିଷିଦ୍ଧାଦେଶ ପ୍ରଦାନ କରାନଯାଏ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଷିଦ୍ଧାଦେଶକୁ ବାତିଲ କରାଯାଉଛି । ଆମେ ଆଜି ଏହି ଯୁକ୍ତିର କୌଣସି ଯଥାର୍ଥତା ପାଉନାହୁଁ । ଯଦି ସେହି ଦୁଇ ବ୍ୟକ୍ତି ପ୍ରକୃତରେ କୌଣସି ପ୍ରକାରେ ଏବଂ କୌଣସି ପ୍ରକାରେ କମ୍ପାନୀ ପାଇଁ କାର୍ଯ୍ୟ କରନ୍ତି, ତେବେ ଉପଯୁକ୍ତ ପ୍ରତିକାର ପାଇଁ ଉତ୍ତରଦାତାମାନେ ବିଚାର କରିଥିବା ନ୍ୟାୟାଳୟକୁ ଯିବା ପାଇଁ ମୁକ୍ତ ଅଛନ୍ତି । ଆଜିର ତଥ୍ୟ ଅନୁଯାୟୀ, କମ୍ପାନୀ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଷିଦ୍ଧାଦେଶ ଯୁକ୍ତିଯୁକ୍ତ ନୁହେଁ ।

ଉପରୋକ୍ତ ସ୍ୱାଧୀନତା ସହିତ ଅପିଲଗୁଡ଼ିକୁ ମଞ୍ଜୁର କରାଯାଇଛି । କମ୍ପାନୀ ବିରୁଦ୍ଧରେ ଦିଆଯାଇଥିବା ନିଷିଦ୍ଧାଦେଶ ବାତିଲ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**